ନିତି ଭାରତୀ

ସଫଳ ଲୋକମାନଙ୍କ ଓଠରେ ସବୁବେଳେ ଦୁଇଗୋଟି ଜିନିଷ ରହିଥାଏ- ନିରବତା ଓ ସ୍ମିତହାସ୍ୟ।
- ପ୍ରବାଦ

ନିତିଦିନ NITIDIN
ଶୁକ୍ରବାର, ୧୦ ଅଗଷ୍ଟ ୨୦୧୮

ଆତ୍ମା ‘ବାସନ୍ଦ’ ନହେଉ

ଆମ ସମୟର କଥା

ଶୈଳେନ୍ଦ୍ର ଦ୍ୱିବେଦୀ

୨୦୧୫ ମସିହା ଏପ୍ରିଲ୍ ପ୍ରଥମ ସପ୍ତାହ ଶେଷ ସୁଦ୍ଧା ବନଯାଗ ଯାତ୍ରାର ସଦସ୍ୟମାନେ ମହାପ୍ରଭୁଙ୍କ ନବକଳେବର ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଦାରୁ ଚିହ୍ନଟ କରି ସାରିଥିଲେ। ସାରା ରାଜ୍ୟରେ ନବକଳେବର ଏକ ଅପୂର୍ବ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବା ପରି ମନେ ହେଉଥିଲା। ଠିକ୍ ସେଇ ସମୟରେ ଦାରୁବ୍ରହ୍ମଙ୍କଠୁ ଦୂରରେ ବୌଦ୍ଧ ଜିଲ୍ଲାର ପୁରୁଣା କଟକ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଥିଲା। ଅଶୀତିପର ବୃଦ୍ଧ ଲକ୍ଷ୍ମଣ ବଗର୍ତ୍ତି ବୌଦ୍ଧ ଜିଲ୍ଲା ସଦର ଡାକ୍ତରଖାନାରେ ପ୍ରାଣତ୍ୟାଗ କରିଥିଲେ। ପାଠକେ, ବୟସ ଅନୁପାତରେ ଲକ୍ଷ୍ମଣଙ୍କ ମୃତ୍ୟୁ ଆଦୌ ଆକସ୍ମିକ ନଥିଲା। ତେବେ ଯାହା ଅସ୍ୱାଭାବିକ ଥିଲା, ତାହା ମୃତ୍ୟୁର ପେକ୍ଷାପଟ୍ଟ। ଡାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଆଗରୁ ଲକ୍ଷ୍ମଣଙ୍କ ପାଖରେ କେହି ଆତ୍ମୀୟସ୍ୱଜନ ଉପସ୍ଥିତ ନଥିଲେ। ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷ ହିସାବରେ ହରଭଙ୍ଗୀ ତହସିଲଦାର ଲକ୍ଷ୍ମଣଙ୍କ ଘରକୁ ଯାଇ ସୂଚନା ଦେଇଥିଲେ- ଡାକ୍ତରଖାନାରୁ ମୃତଦେହ ନେଇ ଆସିବା ପାଇଁ। ସେଦିନ ସନ୍ଧ୍ୟା ପର୍ଯ୍ୟନ୍ତ ବଗର୍ତ୍ତିଙ୍କ ଆତ୍ମୀୟ/ ପରିବାର ସଦସ୍ୟ କେହି ଆସି ନଥିଲେ। ବାଧହୋଇ ଲକ୍ଷ୍ମଣଙ୍କ ଶେଷକୃତ୍ୟ ସମ୍ପାଦନ ଦାୟିତ୍ୱ ପ୍ରଶାସନକୁ ନେବାକୁ ପଡ଼ିଥିଲା (ଲକ୍ଷ୍ମଣଙ୍କୁ ଶ୍ମଶାନରେ ପୋତି ଦିଆ ଯାଇଥିଲା)। ଏମିତି କ’ଣ ପାଇଁ ଘଟିଲା? ଯାର ୪ ବର୍ଷ ଆଗରୁ ବଗର୍ତ୍ତି କୁଆଡ଼େ ଏକ ଅକ୍ଷମଣୀୟ ଅପରାଧ କରିଥିଲେ, ଯାହା ତାଙ୍କ ମୃତ୍ୟୁରେ ମଧ୍ୟ ଶେଷ ହେଲା ନାହିଁ। ମହାପାପଟି ଥିଲା ଏମିତି: ଥରେ ବିଲରୁ ଆସି ଲକ୍ଷ୍ମଣ ପତ୍ନୀଙ୍କୁ ଖାଇବାକୁ ମାଗିଲେ। ଖାଇବାକୁ ତ ମିଳିଲା ନାହିଁ, ବରଂ କୌଣସି କାରଣରୁ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ ବଚସା ହେଲା। ଜିଦ୍‌ରେ ଲକ୍ଷ୍ମଣ କହିଲେ, ସେ ଜଣେ ଦଳିତଙ୍କ ଘରେ ଭୋଜନ କରିବେ। ସେଦିନ ସେ ସେୟା କରିଥିଲେ। ପରିଣାମ ସ୍ୱରୂପ, ନିଜର ପରିବାର ଓ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ- ତାଙ୍କୁ ‘ବାସନ୍ଦ’ କରିବା ପାଇଁ। ଘରେ ଚାରି ପୁଅ ଥାଇ ପେଟ ପୋଷିବା ପାଇଁ ତେଣିକି ଲକ୍ଷ୍ମଣ ଗାଁ ଗାଁ ବୁଲି ନାମ ସଂକୀର୍ତ୍ତନ କଲେ। ଯାହା ଭିକ୍ଷା ମିଳିଲା, ସେଇଥିରେ ଚଳିଲେ। ଲକ୍ଷ୍ମଣ ‘ଜାତି’ ହରେଇ ଥିଲେ, ସାହା ଭରସା ବି।

ଗତ ବର୍ଷ ବୌଦ୍ଧ ଜିଲ୍ଲାରେ (ମନମୁଣ୍ଡା) ଆଉ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ୬୦ବର୍ଷ ବୟସ୍କ ଜୟନାରାୟଣ ସାହୁ ବୃତ୍ତିରେ ଥିଲେ ବ୍ୟାଙ୍କ କର୍ମଚାରୀ। ଅବସର ପୂର୍ବରୁ ତାଙ୍କୁ କୁଷ୍ଠ ରୋଗ ହୋଇଛି ବୋଲି ଜଣା ପଡ଼ିଥିଲା। ମୃତ୍ୟୁ ପରେ ତାଙ୍କୁ ସାହିପଡ଼ିଶା କାନ୍ଧ ଦେବା ପାଇଁ ମିଳିଲେ ନାହିଁ। କୁଷ୍ଠକୁ ବାସୁଦେବପଲ୍ଲୀରେ ‘ଅଭିଶାପ’ ଭାବରେ ଗଣା ଯାଉଥିଲା। ଶେଷରେ ଶବ ଗଲା ଝିଅ, ଜ୍ୱାଇଁ ଓ ପୁଅଙ୍କ କାନ୍ଧରେ। ଏପ୍ରିଲ୍ ୨୦୧୭ରେ ବରଗଡ଼ ଜିଲ୍ଲାର ଏକ ଅଞ୍ଚଳରେ ସମାନ ଅବସ୍ଥାର ସମ୍ମୁଖୀନ ହୋଇଥିଲେ ଦୁଇଜଣ ମହିଳା। ସେମାନଙ୍କ ମାଆ ଚାଲି ଯାଇଥିଲେ। ତାଙ୍କୁ କୁଷ୍ଠ ହୋଇ ନଥିଲା, କିନ୍ତୁ ବାପାଙ୍କୁ କୁଷ୍ଠ ହୋଇଥିବା ଜଣା ଥିଲା। ଗ୍ରାମବାସୀଙ୍କ ସନ୍ଦେହ ଥିଲା ଯେ କୁଷ୍ଠରୋଗୀଙ୍କ ପତ୍ନୀଙ୍କୁ ମଧ୍ୟ କୁଷ୍ଠ ହୋଇଥିବ। ଜୁନ୍ ୨୦୧୭ରେ ସୁବର୍ଣ୍ଣପୁର ଜିଲ୍ଲାରେ ଜଣେ ବୟସ୍କା ମହିଳାଙ୍କ ମୃତ୍ୟୁ କମ୍ କରୁଣ ନଥିଲା। କୁଷ୍ଠ ହୋଇ ଥିବାରୁ ତାଙ୍କ ମୃତ ଦେହକୁ କାନ୍ଧ ଦେବା ପାଇଁ କେହି ରାଜି ନଥିଲେ। ଏଣେ ବିଚାରୀଙ୍କ ଆତ୍ମୀୟ ସ୍ୱଜନ କେହି ବି ନଥିଲେ। ସ୍ଥାନୀୟ ପଞ୍ଚାୟତ ସୌଜନ୍ୟରେ ଅଖାରେ ପୁରା ଯାଇଥିବା ମହିଳାଙ୍କ ଶବକୁ ଗାଁ ପାଖ ଜଙ୍ଗଲରେ ପୋତି ଦିଆଗଲା।

ନିକଟରେ ବୌଦ୍ଧ ଜିଲ୍ଲାରେ (କଣ୍ଟାମାଳ ବ୍ଲକ୍) ଘଟିଛି ଆଉ ଏକ ମର୍ମନ୍ତୁଦ ଘଟଣା। ଡାକ୍ତରଖାନାରେ ଚିକିତ୍ସିତ ଥିବାବେଳେ ଚତୁର୍ଭୁଜ ବାଙ୍କଙ୍କ ଶାଳୀଙ୍କର ମୃତ୍ୟୁ ହେଲା। ସରକାରଙ୍କ ‘ମହାପ୍ରୟାଣ’ ଗାଡ଼ିରେ ଶବ ଡାକ୍ତରଖାନାରୁ ଗାଁକୁ ତ ଆସିଲା, କିନ୍ତୁ ଗାଁରେ ଚତୁର୍ଭୁଜଙ୍କୁ ପୂର୍ବରୁ ବାସନ୍ଦ କରା ଯାଇ ଥିବାରୁ ତାଙ୍କ ଶାଳୀଙ୍କ ମର ଶରୀରକୁ କାନ୍ଧରେ ନେବା ପାଇଁ କେହି ରାଜି ହେଲେ ନାହିଁ। ଚତୁର୍ଭୁଜ ନେହୁରା ହୋଇଥିଲେ। କିଛି ଫଳ ହୋଇ ନଥିଲା। ଶେଷରେ ଶାଳୀଙ୍କ ଶବକୁ ସାଇକେଲରେ ବାନ୍ଧି ଚତୁର୍ଭୁଜ ଶ୍ମଶାନକୁ ନେଲେ। ହଁ, ଗ୍ରାମବାସୀଙ୍କ ‘ସହଯୋଗ’ ଏଥିରେ ଥିଲା ଏଇ ଦୃଷ୍ଟିରୁ- ସେମାନେ ଦେଖଣାହାରୀ ସାଜି ପରମ ଉତ୍ସାହରେ ସାଇକେଲରେ ଶବ ବନ୍ଧା ହୋଇ ଯାଉଥିବା ଦୃଶ୍ୟର ଫଟୋ ମୋବାଇଲ୍ ଫୋନ୍‌ରେ ଉତ୍ତୋଳନ କରୁଥିଲେ।

ପାଠକେ, ଭାରତରେ କୁଷ୍ଠରୋଗୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି, (୨୦୧୬ ସୁଦ୍ଧା ପ୍ରତି ୧୦,୦୦୦ରେ ୦.୬୬), ଅଥଚ ‘ଜାତି’କୁ ନେଇ ଭେଦଭାବ/ ବୈଷମ୍ୟ ଏଠି କିଛି କମ୍ ସ୍ପର୍ଶକାତର ନୁହେଁ। ଗତ ବର୍ଷ ପ୍ରକାଶିତ ସୁଜାତା ଗିଡ୍‌ଲାଙ୍କ ‘ଆଣ୍ଟ୍‌ସ୍ ଆମଙ୍ଗ୍ ଏଲିଫ୍ୟାଣ୍ଟ୍‌ସ୍’ ଏବେ ବି ଚର୍ଚ୍ଚାରେ ରହିଛି। ଗୋଟିଏ ଦୃଷ୍ଟିରୁ ପୁସ୍ତକଟିକୁ ଆପଣ ସୁଜାତାଙ୍କ ଆତ୍ମଜୀବନୀ କହି ପାରନ୍ତି, କିନ୍ତୁ ଭାରତରେ ‘ତଥାକଥିତ’ ‘ନୀଚ’ ଜାତିକୁ ନେଇ ପ୍ରଚଳିତ ଜୀବନଧାରା ଆପଣଙ୍କୁ ହଲ୍‌ଚଲ କରିଦେବା ପାଇଁ ଯଥେଷ୍ଟ। ସୁଜାତା ଲେଖିଛନ୍ତି, ଭାରତରେ ପ୍ରତି ୬ ଜଣରେ ଜଣେ ଦଳିତ ଏବଂ ଉଚ୍ଚ ଜାତିର ହିନ୍ଦୁମାନଙ୍କ ଧାରଣା, ଏମାନେ, ଅର୍ଥାତ୍ ଭାରତର ୨୦୦ ନିୟୁତ ଦଳିତ ହେଉଛନ୍ତି ସକଳ ସାଂସ୍କୃତିକ ‘ପ୍ରଦୂଷଣ’ର କାରଣ। ସେମାନଙ୍କୁ ମନ୍ଦିର ଯିବାରେ ବାରଣ, ଗାଁ କୋଠ କୂଅରୁ ପାଣି ଆଣିବା ପାଇଁ ମନା ଏବଂ ଅଧିକାଂଶ ଗାଁରେ ଦଳିତମାନେ (ଗାଁର) ସେଇ ଅଞ୍ଚଳରେ ରହନ୍ତି, ଯେଉଁ ଅଞ୍ଚଳ ମୁଖ୍ୟ ବସତିଠୁ ଦୂରରେ ଏବଂ ଖାଲୁଆ। ଭୌଗୋଳିକ ଦୃଷ୍ଟିରୁ ଗାଁର ଅବଶିଷ୍ଟ ଅଞ୍ଚଳଠୁ ଅନୁନ୍ନତ। ଆନ୍ଧ୍ରପ୍ରଦେଶରେ ଜନ୍ମିତା ସୁଜାତା ଆଇଆଇଟି, ଚେନ୍ନାଇରେ ପଢ଼ିଛନ୍ତି। ଦୀର୍ଘ ବର୍ଷ ଧରି ସେ ଯୁକ୍ତରାଷ୍ଟ୍ରରେ ରହୁଛନ୍ତି। ତାଙ୍କର ସବୁ ସମ୍ପର୍କୀୟ ଏବେ ବେଶ୍ ଉଚ୍ଚ ଶିକ୍ଷିତ ଏବଂ ପ୍ରତିଷ୍ଠିତ। ସୁଜାତାଙ୍କ ମତ ଯେ ହଜାର ହଜାର ବର୍ଷ ଧରି ତିଷ୍ଠି ରହିଥିବା କୁସଂସ୍କାର ଭାରତରୁ ତଥାପି ହଟି ନାହିଁ। ଶିକ୍ଷା, ବିଜ୍ଞାନ ଓ ଅର୍ଥନୈତିକ ସମୃଦ୍ଧି ଆମକୁ ଯେତିକି ସୁଫଳ ଦେବ ବୋଲି ଆଶା ଥିଲା, ତାହା ପ୍ରକୃତରେ ସମ୍ଭବ ହୋଇ ପାରିନାହିଁ। ନିଜ ମାଆ (ମଞ୍ଜୁଳା) ଓ ମାମୁଁ (ସତ୍ୟମୂର୍ତ୍ତି)ଙ୍କ ସଂଘର୍ଷର କାହାଣୀ ବର୍ଣ୍ଣନା କରାଯାଇଛି ପୁସ୍ତକରେ। ସତ୍ୟମୂର୍ତ୍ତିଙ୍କ ବାବଦରେ ସୁଜାତା ଲେଖିଛନ୍ତି, ତାଙ୍କ ମାମୁଁ କଲେଜରେ ପଢ଼ିବା ବେଳେ ଜଣଙ୍କ ସହିତ ପ୍ରେମରେ ପଡ଼ି ଯାଇଥିଲେ। ଝିଅଟି ଥିଲା ଏକ ପ୍ରତିଷ୍ଠିତ ପରିବାରରୁ। ଜାତିରେ ବ୍ରାହ୍ମଣ। କେଇ ବର୍ଷର ମିଳାମିଶା ପରେ ଦିନେ ସତ୍ୟମୂର୍ତ୍ତି ଓରଫ ସତ୍ୟମ୍‌ଙ୍କୁ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଥିଲା ଝିଅଟି। ନଛୋଡ଼ବନ୍ଧା ସତ୍ୟମ୍ କିନ୍ତୁ ଝିଅଠୁ ଯାର କାରଣ ଜାଣିବା ପାଇଁ ଚାହିଁଥିଲେ, ଯେହେତୁ ସମ୍ପର୍କ ଝିଅ ପକ୍ଷରୁ ହିଁ ଆରମ୍ଭ ହୋଇଥିଲା। ଉତ୍ତର ଥିଲା ଏମିତି- ‘ଆମେସବୁ ବ୍ରାହ୍ମଣ। ତୁମ୍ଭେମାନେ ଗରିବ ଲୋକ। ପୁଣି ତୁମେ କମ୍ୟୁନିଷ୍ଟ। ମୋ ବାପା କଂଗ୍ରେସରେ ଅଛନ୍ତି- ଜାଣିଛଟି? ତୁମେ କେମିତି ଭାବୁଛ, ଆମ ଭିତରେ କିଛି ସମ୍ପର୍କ ସମ୍ଭବ?’

ସୁଜାତା ଲେଖିଛନ୍ତି, ଶୁଣିବାକୁ ଭଲ ଲାଗି ନପାରେ, ଅଥଚ ନିରାଟ ସତ ହେଉଛି- ହିନ୍ଦୀ ସିନେମାରେ ସମ୍ଭ୍ରାନ୍ତ/ ଧନୀ ପରିବାରର ଝିଅଟିଏ ଗରିବ ନାୟକଟିର ହାତ ଧରି ବାହାରି ଯିବା ଅଧିକ ମାତ୍ରାରେ ଗପ- କମ୍ ସତ। ‘ତୁମେ ଯଦି ଅସ୍ପୃଶ୍ୟ, ତୁମେ ତାହା ସ୍ୱୀକାର କରି ଉପହସିତ ହୋଇପାର, ଲଜ୍ଜିତ ହୋଇପାର କିମ୍ବା ତୁମେ ମିଛ କହି ପାର।’ ପାଠକେ, ମା’ ଓ ମାମୁଁଙ୍କ କାହାଣୀ, ସୁଜାତା ବିଳମ୍ବରେ କହିଛନ୍ତି ଅବଶ୍ୟ, କିନ୍ତୁ ଏଇ ବର୍ଷ ଏପ୍ରିଲରେ ଆମ ରାଜ୍ୟର ବଲାଙ୍ଗିର ଜିଲ୍ଲାରେ ଯାହା ଘଟିଛି, ତାହା ଆପଣଙ୍କୁ ହତଚକିତ କରିବ।

ଦୁର୍ଘଟଣାରେ ଆହତ ହୋଇ ମୃତ୍ୟୁମୁଖରେ ପଡ଼ିବା ପରେ ଜଣେ ୨୦ବର୍ଷ ବୟସ୍କ ଯୁବକର ଶବ ବୁର୍ଲା ମେଡିକାଲରେ ବ୍ୟବଚ୍ଛେଦ କରା ଯାଇଥିଲା। ପରିବାର କଲେଜ ପଢ଼ୁଆ ପୁଅର ମୃତଦେହ ଧରି ଗାଁରେ ପହଞ୍ଚିଲେ। ତେବେ ଗାଁରେ ଏକ ଅଭାବନୀୟ ଘଟଣା ଘଟିଲା। ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରିଥିବା ଲୋକଟି ଅସ୍ପୃଶ୍ୟ; ତେଣୁ ‘ଶବ’ ଅସ୍ପୃଶ୍ୟ ହୋଇଗଲା। ଗ୍ରାମବାସୀମାନେ ଶବ ଛୁଇଁବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣେଇ ଦେଲେ। ତୁଷୁରା ଡିଗ୍ରୀ କଲେଜରେ ପଢ଼ୁଥିବା ଥବିର ଅଚାନକ ଅଛୁଆଁ ଶବ ପାଲଟି ସାରିଥିଲା ଏବଂ ସେଦିନ ଶବ ବାହକ ହେଲେ ତାଙ୍କର ଦୁଇ ବଡ଼ଭାଇ। ସେତିକିରେ ପରିବାରର ଦୁର୍ଦ୍ଦଶା କିନ୍ତୁ ସରି ନଥିଲା। ଗ୍ରାମବାସୀମାନେ ବାଧ୍ୟ କରିଥିଲେ, ‘ଯଦି ଗାଁରେ ରହିବାର ଇଚ୍ଛା ଅଛି, ତେବେ ପଙ୍କ୍ତି ଭୋଜନ ଦେଇ ପାପମୁକ୍ତ ହୁଅ।’ ସ୍ୱାଧୀନତାର ୭୦ ବର୍ଷ ପରେ ପୁଣ୍ୟଭୂମି (!) ଭାରତରେ ଜାତିକୁ ନେଇ ଏହା ହିଁ ଦୁଃଖଦ ବାସ୍ତବିକତା। ସଂକୀର୍ତ୍ତନ ତା’ ବାଟରେ ଚାଲିଛି, ପ୍ରବଚନ ତା’ ବାଟରେ, ଜିଡିପି ଗଣିତ (ଅଭିବୃଦ୍ଧି) ତା’ ବାଟରେ, ଅଥଚ ନିଜ ଭିତରର ଆକାଶକୁ ଆମେ ଦେଖିବା ପାଇଁ ନାରାଜ। କାରଣ ‘ଆତ୍ମା’କୁ ରୀତିମତ ଆମେ ବାସନ୍ଦ କରି ସାରିଛେ। ■

ମୋ: ୯୪୩୭୧୩୭୦୬୦
sailendradwivedi@gmail.com

ବର୍ଷା ବର୍ଣ୍ଣନା

ଭାରତରେ ବର୍ତ୍ତମାନ ଚାଲିଛି ବର୍ଷା ଋତୁର ସମୟ। କବିଙ୍କ କହିବା ଅନୁସାରେ- ‘ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନଘନ।’ ଏବେ ଶ୍ରାବଣ ମାସ- ଓଡ଼ିଶାର ଗାଁ ଗହଳିରେ ଏହାକୁ କୁହାଯାଏ ଧାରା ଶ୍ରାବଣ ଅର୍ଥାତ୍ ଏହି ମାସରେ ଲଗାତର ଦିନ ଦିନ ଧରି ମୂଷଳ ଧାରାରେ ବର୍ଷା ହେବା କଥା ଯାହା ଶ୍ରାବଣ ଝଡ଼ି ଭାବରେ ଖ୍ୟାତ। କିନ୍ତୁ ଜଳବାୟୁରେ ଘନଘନ ପରିବର୍ତ୍ତନ ବର୍ଷାର ଧାରାରେ ମଧ୍ୟ ଆଣିଛି ପରିବର୍ତ୍ତନ। ଲଘୁଚାପର ପ୍ରଭାବରେ କେବେ ଦିନେ ଦୁଇଦିନ ପ୍ରବଳ ମାତ୍ରାରେ ବର୍ଷା ହେଉଛି ତ ପରେ ପରେ ତିନି ଚାରିଦିନ ପର୍ଯ୍ୟନ୍ତ ହେଉଛି ଅସହ୍ୟ ଖରା। ଆଇଏମ୍‌ଡି (ଭାରତୀୟ ପାଣିପାଗ ବିଭାଗ) ଦ୍ୱାରା କରାଯାଇଥିବା ସଦ୍ୟତମ ଆକଳନରୁ ଜଣାପଡ଼ିଛି ଯେ କିଛିଦିନ ପରେ ଦକ୍ଷିଣ- ପଶ୍ଚିମ ମୌସୁମୀ ‘ସ୍ୱାଭାବିକ’ ହେବ। ଯୋଜନାବିତ୍‌ମାନଙ୍କଠାରୁ ଆରମ୍ଭ କରି ଅର୍ଥନୀତିଜ୍ଞମାନଙ୍କୁ ଏହା ଆଶ୍ୱସ୍ତ କରିଛି। ବର୍ଷା ଋତୁ ସିନା ଆଷାଢ଼ ମାସଠାରୁ ଆରମ୍ଭ ହୁଏ ବୋଲି କୁହାଯାଏ, ପ୍ରକୃତରେ କିନ୍ତୁ ଭାରତରେ ଏହା ତା’ର ପ୍ରାୟ ପନ୍ଦର ଦିନ ଆଗରୁ ଆରମ୍ଭ ହୋଇ ଯାଇଥାଏ। ତେଣୁ ବର୍ଷା ହେବାର ଇତି ମଧ୍ୟରେ ଦୁଇମାସ ବିତିବାକୁ ବସିଲାଣି। ଏଭଳି ଅବସ୍ଥାରେ ଋତୁକାଳୀନ ବର୍ଷାକୁ ‘ସ୍ୱାଭାବିକ’ ବୋଲି କହିବା ନିମନ୍ତେ ଯେଉଁ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି, ତାହା ପ୍ରାୟ ପୂରଣ ହେବାକୁ ଯାଉଛି। ତେବେ ଦେଶର ବିଭିନ୍ନ ଭାଗରେ ବୃଷ୍ଟିପାତର ଧାରା ଅସ୍ୱାଭାବିକ ହୋଇ ଥିବାରୁ କେତେକ ଅଞ୍ଚଳରେ ମରୁଡ଼ି ଅବସ୍ଥା ତ ଆଉ କେତେକ ଅଞ୍ଚଳରେ ବଢ଼ି ବା ବନ୍ୟା ସୃଷ୍ଟି ହୋଇ ଅନେକ ଧନ ଜୀବନ କ୍ଷତି ଘଟାଇଛି। ସରକାରୀ ତଥ୍ୟ ମୁତାବକ ଜୁଲାଇ ୨୫ ତାରିଖ ସୁଦ୍ଧା ୩୮୪.୭ ମିଲିମିଟର ବର୍ଷା ହୋଇଛି। ଅର୍ଥାତ୍ ଏହି ତାରିଖ ସୁଦ୍ଧା ଏହା ଏଲ୍‌ପିଏ (ଲଙ୍ଗ୍ ପିରିଅଡ୍ ଆଭରେଜ୍- ଦୀର୍ଘକାଳୀନ ହାରାହାରି) ବୃଷ୍ଟିପାତଠାରୁ ମାତ୍ର ୩ ପ୍ରତିଶତ କମ୍ ରହିଛି। କିନ୍ତୁ ଏହାରି ଭିତରେ କେତେକ ରାଜ୍ୟ ୨୦ରୁ ୫୯ ପ୍ରତିଶତ ପର୍ଯ୍ୟନ୍ତ ବର୍ଷାଭାବର ଶିକାର ହୋଇଛନ୍ତି। ଗୁଜରାଟରେ ଉଭୟ ବର୍ଷାଭାବ ଏବଂ ବର୍ଷାଧିକ୍ୟ ଅବସ୍ଥା ଦେଖା ଦେଇଛି। ପୁଣି ଅନ୍ୟ ସବୁ ବର୍ଷର ବର୍ଷା ଋତୁ ଭଳି ଏ ବର୍ଷ ମଧ୍ୟ ପ୍ରବଳ ବୃଷ୍ଟିପାତଜନିତ ପ୍ରାଣହାନି ଓ ଧନ ସମ୍ପତ୍ତିର କ୍ଷୟକ୍ଷତି ଦେଖିବାକୁ ମିଳିଛି। ତଥ୍ୟ ମୁତାବକ ବର୍ତ୍ତମାନ ସୁଦ୍ଧା ବୃଷ୍ଟିପାତଜନିତ ମୃତ୍ୟୁସଂଖ୍ୟା ୪୬୫ରେ ପହଞ୍ଚିଛି। ଅନେକ ଭାଗରେ ସଡ଼କ ଓ ଭିତ୍ତିଭୂମି ନଷ୍ଟ ହୋଇଛି ଯାହାର ପୁନରୁଦ୍ଧାର ନିମନ୍ତେ କୋଟି କୋଟି ଟଙ୍କା ଆବଶ୍ୟକ ପଡ଼ିବ। କେତେକ ରାଜ୍ୟରେ ବନ୍ୟା ଯୋଗୁଁ ଭୀଷଣ କ୍ଷୟକ୍ଷତି ଘଟିଛି। ତେବେ ଏସବୁ ବାଦ୍ ସବୁଠୁ ଯାହା ଉଦ୍‌ବେଗଜନକ, ତାହା ହେଉଛି ଭୂତଳ ଜଳସ୍ତର। ବୃଷ୍ଟିପାତର ପରିମାଣରେ ଏପରି ତାରତମ୍ୟ ଭୂତଳ ଜଳସ୍ତରକୁ ଯଥେଷ୍ଟ ପ୍ରଭାବିତ କରୁଛି ଯେଉଁଥିପାଇଁ ଗ୍ରୀଷ୍ମପ୍ରଧାନ ଦେଶ ଭାରତରେ ଗ୍ରୀଷ୍ମ ଋତୁରେ କେତେକ ରାଜ୍ୟ ଅସହ୍ୟ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ପୁଣି କୃଷିକ୍ଷେତ୍ର ମଧ୍ୟ ସଙ୍କଟଜନକ ଅବସ୍ଥାର ସମ୍ମୁଖୀନ ହେଉଛି।

ଜଳର ଅନ୍ୟ ନାମ ଜୀବନ ଆଉ ଭାରତୀୟ କୃଷିକୁ ମୌସୁମୀର ଜୁଆଖେଳ ବୋଲି କୁହା ଯାଇଥାଏ। ଦେଶରେ କୃଷିଜାତ ପଦାର୍ଥର ଉତ୍ପାଦନକୁ ଅଧିକାଂଶ ପରିମାଣରେ ନିୟନ୍ତ୍ରଣ କରିଥାଏ ଜଳ ବିଶେଷକରି ମୌସୁମୀ ବର୍ଷା। ତେଣୁ ଜଳର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ ଏନ୍‌ସିଏଫ୍ (ନ୍ୟାସନାଲ କମିଶନ ଅନ୍ ଫାର୍ମର୍ସ)ର ଚେୟାରମ୍ୟାନ୍ ଏମ୍ ଏସ୍ ସ୍ୱାମୀନାଥନ୍। ଏଥିପାଇଁ ସେ କେତେଗୁଡ଼ିଏ ସୁପାରିସ ମଧ୍ୟ କରିଥିଲେ, କାରଣ କମିଶନଙ୍କ ଦ୍ୱାରା କରାଯାଇଥିବା ହାରାହାରି ୧୯୨ ମିଲିଅନ୍ ହେକ୍ଟର ଜମି ଉପରେ ଅଧ୍ୟୟନରୁ ୬୦ ପ୍ରତିଶତ ଜମି ବୃଷ୍ଟିପାତ ଉପରେ ନିର୍ଭରଶୀଳ ଥିବା ଜଣା ପଡ଼ିଥିଲା। ତେଣୁ ବର୍ଷାଜଳକୁ ଅମଳ କରିବା ଉପରେ ଗୁରୁତ୍ୱ ଦିଆଯିବା କେତେ ଜରୁରୀ, ତାହା ସହଜରେ ଅନୁମେୟ। ତେଣୁ ରାଜ୍ୟ ସରକାରମାନେ ଭୂତଳ ଜଳର ଭଣ୍ଡାରଣ କ୍ଷେତ୍ରର ସମ୍ପ୍ରସାରଣ, ଅଧିକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯୋଜନା, ତଥା ଭୂତଳ ଜଳକୁ ପୁନଃଭରଣା କରିବା ନିମନ୍ତେ କାର୍ଯ୍ୟମାନ ହାତକୁ ନେବା ଉଚିତ। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦିନକୁ ଦିନ ବୃଷ୍ଟିପାତର ଘନତ୍ୱ ଓ ପରିମାଣରେ ପାର୍ଥକ୍ୟ ଏକ ନୂଆ ଆହ୍ୱାନ ସୃଷ୍ଟି କରିଛି। ବୈଜ୍ଞାନିକମାନଙ୍କ ମତରେ, ଦେଶର ଉତ୍ତର ଭାଗରେ ଅଧିକାଂଶ ଅଂଶ ପଟୁ ପଡ଼ିଥିବା ମୃତ୍ତିକା ହୋଇଥିବା ଯୋଗୁଁ ଏଠାରେ କମ୍ ପରିମାଣର ବୃଷ୍ଟିପାତ ମଧ୍ୟ ଭୂତଳ ଜଳସ୍ତରରେ ଉନ୍ନତି ଘଟାଇ ପାରିଥାଏ। କିନ୍ତୁ ଦକ୍ଷିଣ ଭାଗର ମୃତ୍ତିକା ନିମନ୍ତେ ଅଧିକ ପରିମାଣର ବୃଷ୍ଟିପାତ ଆବଶ୍ୟକ, କାରଣ ଏହି ଅଂଶର ମାଟି କଠିନ। ତେଣୁ ଭବିଷ୍ୟତର ଜଳ ସଙ୍କଟକୁ ଟାଳିବାକୁ ହେଲେ ଜଳର ଭଣ୍ଡାରଣ ବା ଗଚ୍ଛିତ କରି ରଖିବା ଏବଂ କୃଷକମାନଙ୍କ ଦ୍ୱାରା ଏହାର ସୁପରିଚାଳନା ନିତାନ୍ତ ଆବଶ୍ୟକ। ଅଗଷ୍ଟ ମାସରେ ‘ସ୍ୱାଭାବିକ’ ବୃଷ୍ଟିପାତ ହେବ ବୋଲି ଆଇଏମ୍‌ଡି ଭବିଷ୍ୟବାଣୀ କରିଛି। ଓଡ଼ିଶା, ଦକ୍ଷିଣ ଛତିଶଗଡ଼, ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର କେତେକ ଅଞ୍ଚଳରେ ମୌସୁମୀ ବର୍ଷାର ପରିମାଣ ଆଶାନୁରୂପ ରହିବ ବୋଲି ବିଭାଗ କହିଛି। ଏହି ଭବିଷ୍ୟବାଣୀ ଯଦି ସତ୍ୟ ହୁଏ ଏବଂ ଭାରତ ମହାସାଗରରେ ଜଳବାୟୁର ଅବସ୍ଥା ଯଦି ଅନୁକୂଳ ରୁହେ, ତା’ହେଲେ ସେପ୍ଟେମ୍ବର ମାସରେ ମଧ୍ୟ ସ୍ୱାଭାବିକ ବର୍ଷା ହେବା ଆଶା କରାଯାଇ ପାରିବ ଯାହା ଦେଶର ଅର୍ଥନୀତି ପାଇଁ ଶୁଭ ବାର୍ତ୍ତା ବହନ କରି ଆଣିବ। ■

ପତ୍ନୀ ନିବେଶି ପୁତ୍ରପାଶେ

ଉଦ୍ଭାସିତ

ପଦାରବିନ୍ଦ

ଭାଗବତରେ ବିଭିନ୍ନ ଆଶ୍ରମ ବିଷୟରେ ବର୍ଣ୍ଣନା କରାଯାଇଛି। ସେଥି ମଧ୍ୟରୁ ଗୃହସ୍ଥ ଆଶ୍ରମ ପରେ ସନ୍ନ୍ୟାସ ଆଶ୍ରମ ଗ୍ରହଣ କରିବା ସମ୍ପର୍କରେ ଅନେକ କଥା କୁହାଯାଇଛି। ତହିଁରେ କୁହାଯାଇଛି- ପୁରୁଷଟିଏ ଗାର୍ହସ୍ଥ୍ୟ ଧର୍ମରେ ଥିଲେ ୫୦ରୁ ୭୫ ବର୍ଷ ମଧ୍ୟରେ ପୁଅକୁ ନିଜ ପତ୍ନୀଙ୍କ ଦାୟିତ୍ୱ ଦେଇ ବନବାସ ଯିବା ଉଚିତ୍। ପୁତ୍ର ନଥିଲେ ପତ୍ନୀଙ୍କୁ ସାଥୀରେ ଘେନି ବନବାସରେ ଯିବାକୁ ହେବ। କାରଣ ବିବାହ ପୂର୍ବରୁ ଝିଅଟିଏ ବାପାଙ୍କ ଅଧୀନରେ ଥାଏ। ବିବାହ ପରେ ପତ୍ନୀ ଭୂମିକାରେ ରହି ସ୍ୱାମୀଙ୍କ ଅଧୀନରେ ରହନ୍ତି ଏବଂ ସନ୍ତାନ ହେଲା ପରେ ମାଆର ଭୂମିକା ନିର୍ବାହ କରନ୍ତି। ପରିଣତ ବୟସରେ ସନ୍ତାନମାନେ ବାପା ମାଆଙ୍କର ଦାୟିତ୍ୱ ନିଅନ୍ତି। ସେଥିପାଇଁ ପତ୍ନୀକୁ ପୁତ୍ରର ଜିମା ଦେଇ ଯିବାକୁ ହୁଏ। ବନବାସ ସମୟରେ ରୁଚିପୂର୍ଣ୍ଣ ଭୋଜନ, ନାନାଦି ପ୍ରସାଧନ ଇତ୍ୟାଦିକୁ ବାରଣ କରାଯାଇଛି। ତେବେ ପ୍ରଶ୍ନ ଉଠେ- ବର୍ତ୍ତମାନ ସମୟରେ ବନବାସ କ’ଣ ସମ୍ଭବ? ବନ ତ ନଷ୍ଟ ହୋଇ ଗଲାଣି! ଯେତିକି ବି ଜଙ୍ଗଲ ଅଛି, ସେଠାରେ ପୁଣି ହିଂସ୍ରଜନ୍ତୁଙ୍କ ଭୟ। ଅସ୍ୱାସ୍ଥ୍ୟକର ପରିବେଶ। ଅଳ୍ପ ଦିନରେ ତ ମଣିଷର ସ୍ୱାସ୍ଥ୍ୟ ବିଗିଡ଼ି ଯିବ। ମୃତ୍ୟୁ କୋଳେଇ ନେବ। ବନବାସ କେମିତି ହେବ?

ଏଇ କଥାର ସମାଧାନ ଦେବାକୁ ଯାଇ ସନ୍ଥ ଉଦାହରଣଟିଏ ଦେଇ କହିଲେ- ବନବାସ କହିଲେ ଆମେ ବୁଝୁ ଯେ ବନରେ ବସବାସ କରିବା। କିନ୍ତୁ ବାସରେ (ଘରେ) ରହି ବନକୁ ଅନୁଭବ କରିବା ହେଉଛି ପ୍ରକୃତ ବନବାସ। ନିର୍ଲିପ୍ତ ଭାବରେ ଚଳିବାକୁ ଅଭ୍ୟାସ କରିବା। ଜଙ୍ଗଲକୁ ଯାଇ ଯଦି ବାସ(ଘର)ର ମମତା ଛାଡ଼ି ନ ହୋଇଛି, ସମ୍ପର୍କୀୟଙ୍କୁ ଭୁଲି ନ ହୋଇଛି, ତେବେ ବନବାସ ଓ ଗୃହବାସ ଭିତରେ କିଛି ପ୍ରଭେଦ ନାହିଁ।

ଜଣେ ଲୋକଙ୍କର ବହୁ ଧନ ସମ୍ପତ୍ତି ଥିଲା। ସମୟ କ୍ରମେ ପରିବାରର ସବୁ ଦାୟିତ୍ୱ ତୁଲେଇଲେ। ପୁଅ, ଝିଅଙ୍କୁ ବାହାତୋଳା କରିଦେଲେ। ପତ୍ନୀକୁ ପୁଅ ବୋହୂଙ୍କ ଦାୟିତ୍ୱରେ ଦେଇ ଘରୁ ବାହାରି ଗଲେ। ଆଉ ଫେରିଲେନି। ପୁଅ, ଝିଅ, ପତ୍ନୀ- ସମସ୍ତେ କାନ୍ଦୁଥିଲେ। ଲୋକ ଜଣକ ଲଣ୍ଡାମୁଣ୍ଡରେ ରହିଲେ। ପୂର୍ବର ନାଁ, ବେଶ ପୋଷାକ ଇତ୍ୟାଦି ପରିବର୍ତ୍ତନ ହେଲା। ସନ୍ନ୍ୟାସ ବ୍ରତର ଅର୍ଥ- ଯେ ଅତୀତକୁ ଭୁଲି ନୂଆ ଜୀବନ ନେବା, ଏକଥା ଜାଣିବା ଉଚିତ୍। ଦିନେ ଜଣେ ଲୋକଙ୍କ ବ୍ୟବହାର ସନ୍ଥଙ୍କୁ ଅସହ୍ୟ ହେଲା। ସନ୍ଥ ରାଗିଯାଇ କହିଲେ, ‘ତୁମେ ଜାଣ! ମୋ ପୁଅ ଜଣେ ପୁଲିସ। ଜ୍ୱାଇଁ ଜଣେ ନେତା। ଝିଅ ଇନ୍‌ସ୍ପେକ୍ଟର। ଚାହିଁଲେ ତୁମକୁ ହାଜତ୍‌ରେ ଭର୍ତ୍ତି କରିଦେବି।’ ଏସବୁ ଦେଖି ଗୁରୁଜୀ କହିଲେ- ‘ଶରୀରର ପୋଷାକ ବଦଳେଇବା ଅତି ସହଜ। ମନର ପୋଷାକ ବଦଳେଇ ସନ୍ନ୍ୟାସ ନେବା ଭାରି କଠିନ। ବାସ (ଗୃହ)ରେ ରହି ବନକୁ ଅନୁଭବ କରିବା ହେଉଛି ପ୍ରକୃତ ବନବାସ। ଯଦି ବନରେ ରହି ବାସ (ଗୃହ)କୁ ବି ଭୁଲି ହୋଇନି, ତେବେ ତାହା ବନବାସ ନୁହେଁ। ଘରୁ ବାହାରି ଆସିବା ବଡ଼କଥା ନୁହେଁ, ନିଜ ଭିତରୁ ଘରକୁ ବାହାର କରିବା ଅସଲ ସାଧନା। ସଂସାରକୁ ଛାଡ଼ି ଚାଲିଯିବା କଷ୍ଟ ନୁହେଁ; ନିଜ ଭିତରୁ ସଂସାରକୁ ଛଡ଼େଇବା ହିଁ ପ୍ରକୃତ ସନ୍ନ୍ୟାସ। ଅସଲ ବନବାସ। ଜଞ୍ଜାଳ ରୂପକ ଜଙ୍ଗଲ ଭିତରେ ରହି ମନକୁ ନିର୍ଲିପ୍ତ ରଖିବାଠାରୁ ବଡ଼ ସାଧନା ଆଉ କ’ଣ ଥାଇପାରେ? ଜଞ୍ଜାଳ ଭିତରେ ଥାଇ ବି ଜଞ୍ଜାଳ ମୁକ୍ତ ହେବା ହିଁ ପ୍ରକୃତ ସନ୍ନ୍ୟାସର ଲକ୍ଷଣ। ବାସରେ ରହି ବନକୁ ଅନୁଭବ କରିବା ପ୍ରକୃତ ବନବାସ। ପତ୍ନୀ, ଧନ ସମ୍ପତ୍ତି- ସବୁକିଛି ପାଖରେ ଥିବ, ଅଥଚ ଏସବୁର ହିସାବ ମନରେ ନଥିବ। ଏହା ହିଁ ଅସଲ ସନ୍ନ୍ୟାସ। ■

ଭୁଲା ମନ

ସଂଗ୍ରାମ କେଶରୀ ପୃଷ୍ଟି

ଅସୁବିଧା ବେଳେ କାକୁତିମିନତି ହୋଇ କିଛି ଟଙ୍କା ଉଧାର ନେଇଥିବା ବନ୍ଧୁ ଜଣକ ଦୀର୍ଘଦିନ ପରେ ମଧ୍ୟ ଫେରାଇବାର ନାଁ ଗନ୍ଧ ଧରୁ ନଥିବାରୁ ଅଗତ୍ୟା ତାଙ୍କୁ ମନେ ପକାଇ ଦେବାକୁ ଉଚିତ୍ ମନେକଲି। ସମ୍ପର୍କର ନିବିଡ଼ତା ମଧ୍ୟରେ ପଇସା ମାଗିବାର ସତ୍‌ସାହସ ମନରେ ନଥିଲେ ମଧ୍ୟ ତଥାପି ଥିଲି ମୁଁ ନିରୁପାୟ। କାରଣ ପଇସା ମୋର ଜରୁରୀ ଥିଲା। ସୁତରାଂ ସଂକୋଚକୁ ଆୟତ୍ତ କରି ମୁହଁ ଖୋଲିଲି। ମୋ କଥା ଶୁଣିବା ମାତ୍ରକେ ସେ ଆଶ୍ଚର୍ଯ୍ୟ ମୁଦ୍ରାରେ ଦୁଃଖ ପ୍ରକାଶ କରି କହିଲେ- ‘ଆରେ ହେ... ଏକଥା ତ ମୁଁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲି। ଯା ହେଉ ବନ୍ଧୁ ଭଲକଲ। ମନେ ପକାଇ ଦେଲ। ତା’ ନହେଲେ ମୋର ଯେଉଁ ଭୁଲାମନ ନା। କ’ଣ କରିବି କହିଲ, ଏତେ ବ୍ୟସ୍ତ ରହୁଛି ଯେ ସବୁକିଛି ଭୁଲିଯାଉଛି। ବନ୍ଧୁଙ୍କ ଏ ଆଶ୍ୱାସନା ମୋତେ ଆଶ୍ୱସ୍ତି ଆଣିଦେଲା। ମନରେ ମଉଳି ଯାଉଥିବା ଆଶା ଟିକକ ପୁଣିଥରେ ଜାଗି ଉଠିଲା। ଯଦି ସେ ଏହାକୁ ପୂରାପୂରି ଭୁଲି ଯାଇଥାନ୍ତେ, ତା’ହେଲେ କ’ଣ ଯେ ହୋଇଥାନ୍ତା!

ଆମ ସମାଜରେ ଏମିତି ଲୋକଙ୍କ ଅଭାବ ନାହିଁ, ଯେଉଁମାନେ କି ସାହାଯ୍ୟ ପାଇ ତୁରନ୍ତ ତାକୁ ଭୁଲି ଯାଆନ୍ତି। ଅସୁବିଧା ବେଳକୁ ଚିକ୍କଣ କଥା କହି ଆବଶ୍ୟକ ମୁତାବକ ଜିନିଷ ନେବେ, ଅଥଚ ଫେରାଇବାକୁ ଭୁଲିଯିବେ। ଆଜି ଦେବି, କାଲି ଦେବି କହି ଦିନ ଗଡ଼ାଇବେ। ଶେଷରେ ମାଗିବା ଯାଏଁ କଥା ଗଲେ ସେମାନେ ସମ୍ପର୍କକୁ ଭୁଲିଯିବେ। ଝଗଡ଼ା କରି ବସିବେ। କୁତ୍ସା ରଟନା କରିବେ। ଏମିତି ସମୟ ଆସିବ, ମୁହଁକୁ ବି ଚାହିଁବେନି।

ଭୁଲି ଯିବାର କଥାଟାକୁ ଦୁଇଟି ଦୃଷ୍ଟିକୋଣରୁ ବିଚାରକୁ ନିଆଯାଇପାରେ। ଗୋଟିଏ ହେଲା ଇଚ୍ଛାକୃତ, ଅନ୍ୟଟି ଅନିଚ୍ଛାକୃତ। ଇଚ୍ଛାକୃତ ଭାବରେ ଭୁଲି ଯିବାର ଅଭିନୟ କରୁଥିବା ଲୋକମାନେ ହେଉଛନ୍ତି ସୁବିଧାବାଦୀ। ନ ଫେରାଇବା ପାଇଁ ସେମାନେ ଏମିତି ନାଟକ କରି ବସନ୍ତି ଯେ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେତିକି, ତାଠୁ ମନରେ ଆଘାତ ଲାଗେ ବେଶୀ। ଏ ଧରଣର ଲୋକ କେବେ କାହାରି ବିଶ୍ୱାସଭାଜନ ହୋଇ ପାରନ୍ତି ନାହିଁ। କାରଣ ସାହାଯ୍ୟ ପାଇ ମଧ୍ୟ ସାହାଯ୍ୟ ଦେବାର ମାନସିକତା ତାଙ୍କ ପାଖରେ ନଥାଏ। ଠକିବାକୁ ଶ୍ରେଷ୍ଠ ପନ୍ଥା ଭାବରେ ଆପଣେଇ ନେଇଥାନ୍ତି ଯେଉଁଥିପାଇଁ ତୁଟିଯାଏ ଭରସା। ଧୋକା ଖାଏ ମନ। ମରିଯାଏ ମାନବିକତା। ସ୍ୱାର୍ଥାନ୍ଧତା କାରଣରୁ ଉପକାରୀର ଉପକାରକୁ ଭୁଲିଯିବା ସେମାନଙ୍କ ସହଜାତ ପ୍ରବୃତ୍ତି। ଫଳତଃ ସ୍ୱାର୍ଥ ପାଖରେ ବନ୍ଧା ପଡ଼େ ବିବେକ। ଏହାର ପ୍ରଭାବ କ୍ରମଶଃ ଅନ୍ୟମାନଙ୍କ ଉପରେ ପଡ଼େ। ଏ ପନ୍ଥା ଅବଲମ୍ବନ କରୁଥିବା ବ୍ୟକ୍ତି ଏ ସମାଜ ପାଇଁ ଗୋଟିଏ ଗୋଟିଏ କଳଙ୍କ ନିଶ୍ଚିତ।

ଅପର ପକ୍ଷରେ ଅନିଚ୍ଛାକୃତ ଭାବରେ ସବୁକଥା ଭୁଲି ଯାଉଥିବା ବ୍ୟକ୍ତି ଏ ସମାଜ ଆଗରେ ‘ଭୋଳା’ ଭାବରେ ପରିଚିତ ହୋଇଥାନ୍ତି। ଠିକ୍ ସମୟରେ ଠିକ୍ କାମ କରିବାକୁ ମନସ୍ଥ କରି ଶେଷରେ ସେମାନେ ଭୁଲି ଯାଆନ୍ତି। ଲୁଣ ଆଣିବା ପାଇଁ ବଜାରକୁ ଯାଇ ଚିନି ଧରି ଫେରନ୍ତି। ପିଲାଛୁଆଙ୍କୁ ଗାଡ଼ିରେ ବସାଇ ବୁଲିବାକୁ ଯାଇ କେଉଁଠି ତାଙ୍କୁ ଛାଡ଼ିଦେଇ ଏକଲା ଫେରନ୍ତି। ଆଖିରେ ଚଷମା ପିନ୍ଧିଥାନ୍ତି, ଅଥଚ ରାଗ ତମତମ ହୋଇ ଚାରିଆଡ଼େ ତାକୁ ଖୋଜି ବସନ୍ତି। ସେମିତି ସାଇକେଲରେ ଯାଇ ଚାଲିଚାଲି ଆସିବା, ଛତା, ଟର୍ଚ୍ଚ ଛାଡ଼ିଦେଇ ଆସିବା ଏମାନଙ୍କ ଭୁଲାମନ ଯୋଗୁଁ ହିଁ ହୋଇଥାଏ। ଏ ଲକ୍ଷଣଯୁକ୍ତ ବ୍ୟକ୍ତିଙ୍କ ଉପରେ ଦାୟିତ୍ୱ ଲଦିଦେଇ କେହି କେବେ ନିଶ୍ଚିନ୍ତରେ ବସି ରହୁଥିବା ଦେଖାଯାଏ ନାହିଁ। ଅନିଚ୍ଛାକୃତ ଭାବରେ ଭୁଲି ଯାଉଥିବା ଏ ଧରଣର ଲୋକମାନଙ୍କର ମାନସିକତା ଅନୁଧ୍ୟାନ କଲେ ଜଣାଯାଏ ଯେ ଏଥିପାଇଁ ମାନସିକ ଚାପ ହିଁ ଦାୟୀ। କାମର ପ୍ରାବଲ୍ୟ ଓ ବ୍ୟସ୍ତ ଜୀବନ ଭିତରେ ସେମାନେ ଅନେକ କିଛି ଆପଣାଛାଏଁ ଭୁଲି ଯାଆନ୍ତି। ଏହାକୁ କେତେକ ଜନ୍ମଗତ ରୋଗର ଆଖ୍ୟା ମଧ୍ୟ ଦେଇଥାନ୍ତି। ଏହି କାରଣରୁ ସେମାନଙ୍କୁ ସମାଲୋଚନା ସହିବାକୁ ହୋଇଥାଏ। ଲଜ୍ଜିତ ମଧ୍ୟ ହେବାକୁ ପଡ଼େ। ହେଲେ ନାଚାର ସେମାନେ। ଯେତେ କହିଲେ ମଧ୍ୟ ସୁଧରନ୍ତି ନାହିଁ।

ସବୁଠୁ ଦୁଃଖ ଲାଗେ ସେତେବେଳେ, ଯେତେବେଳେ କି ଅନେକେ ଭୁଲି ଯିବାର ଅଭିନୟ କରିଥାନ୍ତି। ସବୁକିଛି ଠିକ୍‌ଠିକ୍ ମନେ ଥାଇ ମଧ୍ୟ ସେମାନେ ଫାଇଦା ହାସଲ ପାଇଁ ଏ ପନ୍ଥାକୁ ଆଦରି ନିଅନ୍ତି। ଚାକିରି ବା କର୍ମସଂସ୍ଥାନରେ ସେମାନେ ଭୋଳା ହେବାର ଏମିତି ନାଟକ କରନ୍ତି ଯେ ଯାହା ଫଳରେ କୌଣସି ଗୁରୁ ଦାୟିତ୍ୱ ତାଙ୍କୁ ଦିଆଯାଏ ନାହିଁ। ଫଳରେ କାମ ବୋଝରୁ ନିସ୍ତାର ମିଳିଯାଏ। ଏ ପ୍ରକାର ମାନସିକତା ରଖୁଥିବା ବ୍ୟକ୍ତିବିଶେଷ ପରିବାର ପାଇଁ ଯେମିତି ଗୁରୁ ଦାୟିତ୍ୱ ସଠିକ୍ ଭାବରେ ତୁଲାନ୍ତି, ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏହି ପ୍ରଜାତିର ମଣିଷ ଖାଲି ସମାଜର ନୁହେଁ, ଦେଶର ମଧ୍ୟ ଶତ୍ରୁ। ଭୁଲି ଯିବାର ସକାରାତ୍ମକ ଦିଗ ମଧ୍ୟ ରହିଛି। ବିଜ୍ଞଜନମାନେ ରାଗରୋଷ, ମନୋମାଳିନ୍ୟ ଓ ଶତ୍ରୁତାକୁ ଭୁଲି ଯିବାକୁ ଶ୍ରେୟସ୍କର ମଣିଥାନ୍ତି। କାରଣ ଏଥିରେ ହିଁ ମିଳିଥାଏ ଚରମ ତୃପ୍ତି ଓ ମାନସିକ ଶାନ୍ତି। ନକାରାତ୍ମକ ଘଟଣାମାନ ଭୁଲି ନଯିବା ପର୍ଯ୍ୟନ୍ତ ମନରେ ସକାରାତ୍ମକ ଚିନ୍ତନ ଉଦ୍ରେକ ହୋଇପାରେ ନାହିଁ ଯାହା ଫଳରେ ତା’ ପ୍ରଭାବ ଆମ ଆଚରଣ ଓ ଉଚ୍ଚାରଣ ଉପରେ ପଡ଼ି ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ। ଏଣୁ ଅତୀତରେ ଘଟି ଯାଇଥିବା ନକାରାତ୍ମକ ଘଟଣାଗୁଡ଼ିକୁ ଭୁଲିଯିବା ଠିକ୍ ହେବ। ତାକୁ ଜାବୁଡ଼ି ବସିଲେ କେବଳ ମିଳିବ ଦୁଃଖ ହିଁ ଦୁଃଖ।

ଶହଶହ ଗୋପାଳ ବାଳକଙ୍କୁ ସଖା ଭାବରେ ପାଇ ମଧ୍ୟ କୃଷ୍ଣ ଭୁଲି ପାରି ନଥିଲେ ତାଙ୍କ ବାଲ୍ୟବନ୍ଧୁ ସୁଦାମାଙ୍କୁ। ଦ୍ରୌପଦୀଙ୍କ ଉପକାରକୁ ଭୁଲି ପାରି ନଥିଲେ ବୋଲି ତ କୃଷ୍ଣ ତାଙ୍କୁ ପ୍ରତିବଦଳରେ ପ୍ରଦାନ କରିଥିଲେ କୋଟି ବସ୍ତ୍ର। ଏମାନଙ୍କୁ ଭୁଲି ଯାଇଥିଲେ କୃଷ୍ଣଙ୍କ ସୁନାମରେ ନିଶ୍ଚିତ ଲାଗି ଯାଇଥାନ୍ତା କାଳିମା। ସେହିପରି ବାଲ୍ୟବନ୍ଧୁ କାଶିଆକୁ ଭୁଲି ନପାରି କପିଳା ରାଜା ହେଲା ପରେ ମଧ୍ୟ ବାଲ୍ୟବନ୍ଧୁଙ୍କୁ ଦେଇଥିଲେ ଯଥୋଚିତ ସମ୍ମାନ। ବନ୍ଧୁତାକୁ ଭୁଲି ନ ଯିବାର ଏସବୁ ଉଦାହରଣ ଆମ ପାଇଁ ନିଶ୍ଚୟ ପ୍ରେରଣାଦାୟକ।

କଥାଟିଏ ଅଛି- ଭୁଲିଯାଅ ପଛେ ସଭିଙ୍କୁ, ଭୁଲ ନାହିଁ ବାପାମାଆଙ୍କୁ। କିନ୍ତୁ ଆଜିର ସମାଜରେ ଏହାର ବ୍ୟତିକ୍ରମ ଅନୁଭୂତ ହେଉଛି। ସ୍ୱାର୍ଥ ପାଇଁ ବୃଦ୍ଧ ମାତାପିତାଙ୍କ ମହନୀୟ ତ୍ୟାଗକୁ ଅନେକ ଭୁଲି ଯାଉଛନ୍ତି। ଫଳତଃ ସବୁ ଥାଇ ମଧ୍ୟ ସେମାନଙ୍କ ଠିକଣା ପାଲଟୁଛି ଜରାଶ୍ରମ। ସମ୍ପତ୍ତି ପାଇଁ ସମ୍ପର୍କକୁ ଭୁଲିଯିବା ଏବେ ସାଧାରଣ ଘଟଣା ପାଲଟି ଗଲାଣି। ଉପକାରୀର ଉପକାରକୁ ଭୁଲିଯାଇ ତା’ର କ୍ଷତି ସାଧନ କରିବାକୁ ଯେମିତି ସମସ୍ତେ ତତ୍ପର ଏଠି। ବନ୍ଧୁତାକୁ ଭୁଲିଯିବା କ’ଣ କମ୍ କଥା। ସମ୍ପର୍କକୁ ଥରେ ଭୁଲିଗଲେ ତାକୁ ଫେରି ପାଇବା ବହୁତ କଷ୍ଟକର ହୋଇପଡ଼େ। ଅନୁତାପ କରିବା ଛଡ଼ା ଆଉ ଅନ୍ୟ ବାଟ ନଥାଏ କିଛି। ଏ ସକଳ ସୃଷ୍ଟିର କାରଣ ଓ ନିୟନ୍ତା ଭାବରେ ଈଶ୍ୱରଙ୍କୁ ଗ୍ରହଣ କରାଯାଏ। ଆଶ୍ଚର୍ଯ୍ୟର କଥା ହେଉଛି, ସମସ୍ତେ ଦୁଃଖ ବେଳରେ ହିଁ ଈଶ୍ୱରଙ୍କୁ ସ୍ମରଣ କରନ୍ତି, ଅଥଚ ସୁଖ ବେଳରେ ତାଙ୍କୁ ଭୁଲି ଯାଆନ୍ତି। ଯଦି ସୁଖ ବେଳରେ ଈଶ୍ୱରଙ୍କୁ ଭୁଲି ନଯାଇ ତାଙ୍କୁ ସ୍ମରଣ କରା ଯାଆନ୍ତା, ତା’ହେଲେ ଜୀବନରେ ଦୁଃଖ ଆସନ୍ତା ନାହିଁ। ସନ୍ଥ କବୀରଙ୍କ ଭାଷାରେ- ‘ଦୁଃଖ ମେଁ ସୁମିରନ୍ ସବ୍ କରେ ସୁଖ ମେ କରେ ନା କୋୟ/ ଜୋ ସୁଖ ମେଁ ସୁମିରନ୍ କରେ ଦୁଃଖ କାହେ କୋ ହୋୟ।’

ଏ ପରିପ୍ରେକ୍ଷୀରେ କାହାକୁ ଭୁଲିଯିବା, ଉପକାରକୁ ଭୁଲିଯିବା କେତେଦୂର ବିଧେୟ, ତାହା ତର୍ଜମା କରିବାର ସମୟ ଆସିଛି। ଭୁଲି ଯିବାର ଦୃହି ଦେଇ ଅନ୍ୟକୁ ଠକିବା ଯେ ପକ୍ଷାନ୍ତରରେ ନିଜକୁ ଠକିବା- ଏ ଭାବନା ପ୍ରତ୍ୟେକଙ୍କ ମନରେ ଉଦ୍ରେକ ହେବା ବାଞ୍ଛନୀୟ। ■

ଶିକ୍ଷକ, କିଶୋରନଗର ହାଇସ୍କୁଲ, ଅନୁଗୋଳ
ମୋ: ୯୪୩୭୫୪୭୧୪୬

ସମ୍ପାଦକଙ୍କୁ ପତ୍ର

ସ୍ୱିସ୍‌ବ୍ୟାଙ୍କ୍‌ରେ ବଢ଼ୁଛି ଭାରତର ଜମା

ତିନିବର୍ଷ ପୂର୍ବକୁ ମନେ ପକାନ୍ତୁ। ସ୍ୱିସ୍ ବ୍ୟାଙ୍କ୍ ତଥା ବିଦେଶରୁ ଭାରତୀୟ କଳା ଜମାରାଶି ଦେଶକୁ ଫେରାଇ ଆଣିବା ପାଇଁ ସରକାର ଉଦ୍ୟମ ଫସର ଫାଟିଯାଉଛି। ଏଥି ପାଇଁ ଏସ୍‌ଆଇଟି ଗଠନ କରାଯାଇଥିଲେ ହେଁ, ଏହା ନିଜ କାର୍ଯ୍ୟରେ ସଫଳ ହେଲା କି? ବର୍ତ୍ତମାନ ତଟକା ସମାଚାର, ସ୍ୱିସ୍ ବ୍ୟାଙ୍କ୍‌ରେ ବଢ଼ିଚାଲିଛି ଭାରତର ଜମା। ସାରା ବିଶ୍ୱରେ ଜମା ପରିମାଣ ହିସାବରେ ୨୦୧୭ ମସିହା ପାଇଁ ଭାରତ ୭୩ତମ ସ୍ଥାନରେ ରହିଛି। ୨୦୧୬ରେ କିନ୍ତୁ ୮୮ ତମ ସ୍ଥାନରେ ଥିଲା ଭାରତ। ଏଥିରୁ ସ୍ପଷ୍ଟ ବୁଝି ପଡୁଛି ଯେ, ବର୍ତ୍ତମାନ ଜମାରାଶି ବୃଦ୍ଧି ପାଉଛି। ସଦ୍ୟ ରିପୋର୍ଟ ଏହି ଯେ, ୨୦୧୭ ମସିହା ଆଗରୁ ସ୍ୱିସ୍ ବ୍ୟାଙ୍କ୍‌ରେ ଯେତେ ଟଙ୍କା ଥିଲା, ସେଥିରେ ବର୍ଷକ ମଧ୍ୟରେ ୪୦% ବୃଦ୍ଧି ପାଇଁ ୭ ହଜାରରେ ପହଞ୍ଚିଲାଣି। ୨୦୧୬ ମସିହା ନଭେମ୍ବର ୮ ତାରିଖର ମୋଦିଙ୍କ ବିମୁଦ୍ରାକରଣ ଯୋଗୁଁ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରାଯିବା ସତ୍ତ୍ୱେ ଦେଶରେ କଳାଟଙ୍କାର ଅବସାନ ହେଲା ନାହିଁ। ସ୍ୱିସ୍ ବ୍ୟାଙ୍କ୍ ପରେ ପାନାମା କାରନାମା ପ୍ରକାଶ ପାଇଥିଲା। ଏ ନେଇ ସତ୍ୟ ମତ ରଖାଯିବା ଠିକ୍ ହେବ। ଯେଉଁମାନେ ସ୍ୱିସ୍‌ବ୍ୟାଙ୍କ୍‌ର ଜମାକାରୀ ସେମାନେ ଦେଶ ଚଳାଉଛନ୍ତି। ସରକାରଙ୍କୁ ଋଣ ପୂର୍ବକ ହାତମୁଠାରେ ରଖିଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର। ଏହା ଆମ ଦେଶ ପାଇଁ କେବଳ ନାଟକବାଜି ବୋଲି ବିଚାର କରାଯାଏ। ମାତ୍ର, ଏହାର ଫଳାଫଳ ପରିମଣାମ ଶୂନ୍। ଦେଶର କୋଟିକୋଟି ଜନତା ଏଥିକୁ ସାବଧାନ, ସଚେତନ ହେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ନିଶା ନିବାରଣ ପାଇଁ ଆତ୍ମସମର୍ପଣ

ସମାଜରେ ଆଜି ନିଶା ରାକ୍ଷସର ପରିବାର ବଡ଼ ପାରିବାର ହୋଇଉଠିଛି। ମଦ, ଅଫିମ, ଗଞ୍ଜେଇ, ସିଗାରେଟ୍ (ସିଗାରେଟ୍ ଭିତରେ ଗୁଣ୍ଡ ଗଞ୍ଜେଇ) ଆପଣା ସୁଖରେ ବଢ଼ି ଚାଲିଛି ଏବଂ ଏହାକୁ ରକ୍ଷକମାନେ ଭକ୍ଷକ ସାଜି ସ୍ପଷ୍ଟ ଦିବାଲୋକରେ ଅବକାରୀ ବିଭାଗ କର୍ମଚାରୀ ଚୋରି ନକରି ସହଯୋଗ କରିବା ଫଟୋ ଭାଇରାଲ ସମସ୍ତଙ୍କୁ ବିସ୍ମିତ କରିଛି। କେତେ ଜଣ ମହିଳା ସମର୍ପିତ ଆଦର୍ଶ ନେଇ ମଦ ଓ ନିଶା ବିରୋଧୀ ଆନ୍ଦୋଳନ ଚାଲୁ ରଖିଥିଲେ ମଧ୍ୟ ଏହାକୁ ଜନସହଯୋଗ ପୂର୍ଣ୍ଣ ମାତ୍ରାରେ ମିଳିବା ଉଚିତ୍। ସର୍ବୋପରି ଜବତ ମାଦକ ଦ୍ରବ୍ୟକୁ ସ୍ପଷ୍ଟ ଦିବାଲୋକରେ ପୋଡ଼ିଦେବା ଉଚିତ୍ ଓ ମଦ ପରି ନିଶା ବେପାରୀମାନଙ୍କୁ ଫାଶୀ ଦଣ୍ଡ ଦେବାର ବିଧାନ ପାରିତ କରିବା ଉଚିତ୍। ଏବଂ ଯେଉଁମାନେ ଏ ସବୁର ସମର୍ଥକ ଓ ଗ୍ରାହକ ସେମାନଙ୍କୁ ପରିଚିତ କରାଇବା ସହିତ ଅନ୍ୟମାନଙ୍କୁ ସତର୍କ ରହିବାକୁ ଆଗ୍ରହ ସୃଷ୍ଟି କରିବା ଦରକାର। ନ ହେଲେ ପ୍ରସାଦ ବାଣ୍ଟିଣେ ଖାଇବା ନ୍ୟାୟରେ ଗଞ୍ଜେଇଆ ଅନ୍ୟ ଗଞ୍ଜେଇଆକୁ ଆକୃଷ୍ଟ କରି ଅଇଁଠା ଖୁଆଇବାର ଦୃଷ୍ଟାନ୍ତରୁ ଦୂରରେ ସାଧାରଣ ରହନ୍ତେ, ସଚେତନ ହୁଅନ୍ତେ। ଏକେ ତ ନିଶା ପ୍ରଭାବ ଦ୍ୱିତୀୟରେ ଅଇଁଠା ଖାଇ ପୁରୁଣା ଗଞ୍ଜଡ଼ର ଓଠ ବା ଶରୀରସ୍ଥ ଚର୍ମ ରୋଗକୁ ନିମନ୍ତ୍ରଣ ପରିବର୍ତ୍ତେ ନୂଆ ନିଶାଖୋର ସଚେତ ହୋଇ ନିୟନ୍ତ୍ରିତ ହୋଇପାରିବାର ନଜିର ସ୍ପଷ୍ଟ ହୁଅନ୍ତା।

ରମାକାନ୍ତ ପୁରୋହିତ, ନିରାକାରପୁର

ସବ୍‌ସିଡି ସାର ମିଳୁ

ନରସିଂହପୁର ବ୍ଲକ ଅଧୀନରେ ଥିବା ପ୍ରାଥମିକ ସେବା ସମବାୟ ସମିତିମାନଙ୍କରେ ସରକାରୀ ସବ୍‌ସିଡି ସାର ମିଳୁନାହିଁ। ଅସାଧୁ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସାର ବିକ୍ରେତାମାନଙ୍କୁ ଭିତିରିଆ ଭାବେ ବିକ୍ରି କରି ଦେଉଛନ୍ତି। ତେଣୁ ଚାଷୀମାନେ ଦରକାରୀ ସାର ପାଇ ପାରୁ ନାହାନ୍ତି। ତେଣୁ ସମବାୟ ବିଭାଗ ପ୍ରାଥମିକ ସମବାୟ ସମିତିଗୁଡ଼ିକର କାର୍ଯ୍ୟକ୍ରମ ତଦାରଖ କରନ୍ତୁ।

ଦେବଦତ୍ତ ମଳୟ କୁମାର ବରାଳ
ନରସିଂହପୁର, କଟକ

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗଙ୍କୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ। - ସମ୍ପାଦକ

ଲେଖା ପଠାଇବାର ଠିକଣା, ସମ୍ପାଦକ, **‘ନିତିଦିନ’,** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com